# NATIONAL NEWS BULLETIN (ODIA)

**8 October - 2023**

**Mid Bulletin : 1.50 p.m.**

---

- ଭାରତୀୟ ବିମାନ ବାହିନୀ ଆଜି ତା'ର ୯୧ତମ ବାର୍ଷିକୀ ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ପାଳନ କରୁଛି ।

- ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ଅଜୟ କୁମାର ମିଶ୍ର ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗଙ୍କୁ ଆଜି ସକାଳେ ତାଙ୍କ ବାସଭବନରେ ସାକ୍ଷାତ୍ କରି ରାଜ୍ୟର ବନ୍ୟା ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି ।

- ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲିଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଇଟାଲୀ ଓ ଫ୍ରାନ୍ସ ଗସ୍ତରେ ଯିବେ ।

- ଇସ୍ରାଏଲ ଓ ହାମସ୍ ଲେବାନନ୍‌ର ହେଜ୍‌ବଲା ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ପକ୍ଷରୁ ଜୋର୍‌ଦାର୍ ଯୁଦ୍ଧ ଆରମ୍ଭ ହୋଇଛି ।

ଏବଂ

- ଏସୀୟ କ୍ରୀଡ଼ାରେ ଭାରତ ୧୦୭ଟି ପଦକ ପାଇ ରେକର୍ଡ ସୃଷ୍ଟି କରିଛି ।

# ଏୟାରଫୋର୍ସ ଡେ ପ୍ୟାରେଡ୍

ଭାରତୀୟ ବିମାନ ବାହିନୀ ଆଜି ତା'ର ୯୧ତମ ବାର୍ଷିକୀ ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ପାଳନ କରୁଛି । ଏହି ଉତ୍ସବ ପାଳନର ଅଂଶବିଶେଷ ଭାବେ ବିମାନବାହିନୀ ପକ୍ଷରୁ ପ୍ରୟାଗରାଜର ବାମରାଉଲି ବିମାନବାହିନୀ କେନ୍ଦ୍ରଠାରେ ଏକ ପ୍ୟାରେଡ୍‌ର ଆୟୋଜନ କରାଯାଇଥିଲା । ବିମାନବାହିନୀ ମୁଖ୍ୟ ଏୟାରଚିଫ୍ ମାର୍ଶଲ ଭି.ଆର୍.ଚୌଧୁରୀ, ପ୍ରତିରକ୍ଷାବାହିନୀ ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ ଏବଂ କେନ୍ଦ୍ରୀୟ ଏୟାର କମାଣ୍ଡ ଜେନେରାଲ ଅଫିସର ଇନ୍ କମାଣ୍ଡ ଏୟାର ମାର୍ଶାଲ ଆର୍.ଜି.କେ କାପୁର ଏହି ପ୍ୟାରେଡ୍ ଉତ୍ସବରେ ଅଭିବାଦନ ଗ୍ରହଣ କରିଛନ୍ତି । ଏୟାରଚିଫ୍ ମାର୍ଶାଲ ବିମାନବାହିନୀର ୪ଟି ଶାଖାକୁ ପଦକ ପ୍ରଦାନ କରିଛନ୍ତି । ଷୋଡଶ ସ୍କ୍ୱାର୍ଡନ, ୧୪୨ ହେଲିକପ୍ଟର ୟୁନିଟ୍, ୯୦୧ ସିଗ୍ନାଲ ୟୁନିଟ୍ ଏବଂ ତିନି ବେସ୍ ରିପ୍ୟାର ଡିପୋକୁ ବିଚକ୍ଷଣ ସେବା ପ୍ରଦାନ ପାଇଁ ଏହି ପଦକ ଦିଆଯାଇଛି ।

# ସିକ୍କିମ ଫ୍ଲଡ

ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ଅଜୟ କୁମାର ମିଶ୍ର ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗଙ୍କୁ ଆଜି ସକାଳେ ତାଙ୍କ ବାସଭବନରେ ସାକ୍ଷାତ୍ କରିଛନ୍ତି ।

ସିକ୍କିମରେ ବନ୍ୟା ବିପତ୍ତି ଯୋଗୁଁ ହୋଇଥିବା କ୍ଷୟକ୍ଷତି ସଂକ୍ରାନ୍ତରେ ଉଭୟ ନେତା ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ଦୁର୍ବିପାକ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ ପାଇଁ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ରାଜ୍ୟକୁ ଗସ୍ତରେ ଯାଇଥିବାରୁ ଶ୍ରୀ ତମାଙ୍ଗ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ମାର୍ଗଦର୍ଶନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ତତ୍ପରତା ବିଷୟକୁ ସେ ପ୍ରଶଂସା କରିଛନ୍ତି । ଏନ୍‌ଡିଆର୍‌ଏଫ୍ ସ ଏସ୍‌ଡିଆର୍‌ଏଫ୍ ପାଇଁ ୨୦୨୩-୨୪ ବର୍ଷ ସକାଶେ ତୁରନ୍ତ ଅଗ୍ରୀମ ବଜେଟ୍ ପ୍ରଦାନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି । ରିଲିଫ ଓ ଥଇଥାନ କାମ ପାଇଁ ଏହି ଅର୍ଥ ଦିଆଯାଇଛି । ୫ଟି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଆନ୍ତଃ ମନ୍ତ୍ରଣାଳୟ ଟିମ୍ ଗଠନ କରିବାକୁ କେନ୍ଦ୍ରୀୟ ନେତୃତ୍ୱଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଛନ୍ତି । ଏହି ଦଳ ଆଜି ସିକ୍କିମ ଗସ୍ତରେ ଯାଇ କ୍ଷୟକ୍ଷତିର ଆକଳନ କରିବ ।

## ରାଜନାଥ ଭିଜିଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲିଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଇଟାଲୀ ଓ ଫ୍ରାନ୍ସ ଗସ୍ତରେ ଯିବେ । ଦୁଇଦେଶକୁ ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ଇଟାଲୀର ପ୍ରତିରକ୍ଷାମନ୍ତ୍ରୀ ଗୁଇଡୋ କ୍ରିଡେଟୋଙ୍କୁ

ରୋମ୍‌ରେ ସାକ୍ଷାତ୍ କରିବେ । ଭାରତ-ଇଟାଲୀ ମଧ୍ୟରେ ସମ୍ପର୍କ ଗତ ମାର୍ଚ୍ଚ ମାସରେ ସାମରିକ ଭାଗିଦାରୀ ସମ୍ପର୍କକୁ ଉନ୍ନୀତ ହୋଇଥିଲା । ଇଟାଲୀ ପ୍ରଧାନମନ୍ତ୍ରୀ ଭାରତକୁ ସେହି ସମୟରେ ଆସିଥିଲେ । ଗସ୍ତର ଦ୍ୱିତୀୟ ଦଫାରେ ଶ୍ରୀ ସିଂହ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ଣ୍ଣୁଙ୍କୁ ପ୍ୟାରିସ୍‌ଠାରେ ଭେଟି ପଞ୍ଚମ ବାର୍ଷିକୀ କଥାବାର୍ତ୍ତା କରିବେ । ଭାରତ ଓ ଫ୍ରାନ୍ସ ମଧ୍ୟରେ ସାମରିକ ଭାଗିଦାରୀ ସମ୍ପର୍କର ୨୫ବର୍ଷ ପୂର୍ତ୍ତି ଅଳ୍ପଦିନ ତଳେ ପାଳନ କରାଯାଇଥିଲା । ଦୁଇଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହଯୋଗ ସମେତ ଦ୍ୱିପକ୍ଷୀୟ ସାମରିକ ସହଯୋଗ ବହୁଦିନରୁ ତିଷ୍ଠି ରହିଛି । ଉଭୟ ଦେଶକୁ ଗସ୍ତ କାଳରେ ଶ୍ରୀ ସିଂହ ପ୍ରତିରକ୍ଷା ଶିଳ୍ପପତିମାନଙ୍କ ସହ ଶିଳ୍ପ ସହଯୋଗର କଥାବାର୍ତ୍ତା କରିବାର କାର୍ଯ୍ୟସୂଚୀ ରହିଛି ।

## ଇସ୍ରାଏଲ-ହାମ୍‌ସ

ଇସ୍ରାଏଲ ଓ ହାମସ୍ ଲେବାନନ୍‌ର ହେଜ୍‌ବଲା ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ପକ୍ଷରୁ ଜୋର୍‌ଦାର୍ ଯୁଦ୍ଧ ଆରମ୍ଭ ହୋଇଛି । ହେଜ୍‌ବୋଲା ଗୋଷ୍ଠୀ ଇସ୍ରାଏଲର ୩ଟି ସ୍ଥାନ ଉପରେ ଆଜି ରକେଟ୍ ମାଡ଼ କରିଛି । ଏହି ଗୋଷ୍ଠୀ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ପାଲେଷ୍ଟାଇନ୍ ଲୋକମାନଙ୍କ ପ୍ରତି ସମର୍ଥନ ଜଣାଇ ଏହି ଆକ୍ରମଣ କରାଯାଇଛି । ଇସ୍ରାଏଲ ପକ୍ଷରୁ ମଧ୍ୟ ପ୍ରତିଆକ୍ରମଣର ଖବର ମିଳିଛି । ଇସ୍ରାଏଲ ପକ୍ଷରୁ ଲେବାନନ୍‌ର ଅଞ୍ଚଳ

ଗୁଡ଼ିକ ଉପରେ ବୋମାମାଡ଼ କରାଯାଇଛି ଏବଂ ଯୁଦ୍ଧରେ ସଂଶ୍ଳିଷ୍ଟ ନହେବା ପାଇଁ ଲେବାନନ୍‌ରେ ହେଜ୍‌ବୋଲା ଗୋଷ୍ଠୀକୁ ସତର୍କ କରାଯାଇଛି ।

ତେଣେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ଅଞ୍ଚଳକୁ ମରୁଭୂମିରେ ପରିଣତ କରିବା ପାଇଁ ଧମକ ଦେଇଛନ୍ତି । ସେହି ଅଞ୍ଚଳ ଛାଡି ଚାଲିଯିବା ପାଇଁ ସେ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି । ହମାସ୍‌ର ଆକ୍ରମଣରେ ୩୦୦ ଲୋକଙ୍କର ମୃତ୍ୟୁ ଓ ଦେଢ଼ହଜାର ଲୋକ ଆହତ ହେବା ପରେ ଇସ୍ରାଏଲର ପ୍ରତିରକ୍ଷାବାହିନୀ ପକ୍ଷରୁ ୧୭ଟି ସାମରିକ ଘାଟି ଉପରେ ଆକ୍ରମଣ କରାଯାଇଛି । ହମାସ୍‌ର ଆଉ ୪ଟି କମାଣ୍ଡ କେନ୍ଦ୍ର ଉପରେ ମଧ୍ୟ ଇସ୍ରାଏଲ ଆକ୍ରମଣ କରିଛି ଯାହାଫଳରେ ୨୩୦ ଲୋକଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ଦୃଢ଼ତାର ସହ ହମାସ୍ ଗୋଷ୍ଠୀକୁ ଆକ୍ରମଣ କରିବା ପାଇଁ ଯୁଦ୍ଧ ଘୋଷଣା କରିଛନ୍ତି । ହମାସ୍ ସନ୍ତ୍ରାସବାଦ ଗୋଷ୍ଠୀ ଦ୍ୱାରା ଇସ୍ରାଏଲ ଉପରେ ଆକ୍ରମଣକୁ ବିଶ୍ୱ ନେତାଗଣ ନିନ୍ଦା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ ସମର୍ଥନରେ ମତ ଦେଇଥିବାବେଳେ ସେ କହିଛନ୍ତି ନିରୀହ ଲୋକ ଏବଂ ସେମାନଙ୍କ ପରିବାରଗୁଡ଼ିକୁ ନିରାପତ୍ତା ଦିଆଯାଉ ବୋଲି ସେ ପ୍ରାର୍ଥନା କରିଛନ୍ତି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ସନ୍ତ୍ରାସବାଦକୁ କଦାପି ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି କହିଛନ୍ତି । ତାଙ୍କ ଦେଶ

ଇସ୍ରାଏଲକୁ ସମର୍ଥନ ଜଣାଇବ ବୋଲି ସେ କହିଛନ୍ତି । ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ରିଷି ସୁନକ ଇସ୍ରାଏଲ ଉପରେ ଆକ୍ରମଣକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ।

## କର୍ଣ୍ଣାଟକ ଫାୟାର

କର୍ଣ୍ଣାଟକର ଆର୍‌ସିବେଲେସ୍ଥିତ ଏକ ବାଣ ଦୋକାନ ଏବଂ ଗୋଦାମରେ ଗତକାଲି ନିଆଁ ଲାଗିଯିବାରୁ ୧୪ଜଣ ପୋଡ଼ି ହୋଇ ମରିଛନ୍ତି । ତାମିଲନାଡୁର ହୋସୁରଠାରୁ ଏହା ୧୦ କିଲୋମିଟର ଦୂର ସବୁ ମୃତକମାନେ ତାମିଲନାଡୁର ବୋଲି ଜଣାପଡିଛି । ବାଣ ଗୋଦାମରେ ୩୫ଜଣ ଲୋକ କାମ କରୁଥିଲେ । ଅପରାହ୍ଣ ସାଢ଼େ ୩ଟାବେଳେ ସେଠାରେ ନିଆଁ ଲାଗିଯାଇଥିଲା । ଦୋକାନ ମାଲିକ ସମେତ ୪ଜଣ ଲୋକ ଆହତ ହୋଇଛନ୍ତି । ବାଣଭର୍ତ୍ତି ଗୋଟିଏ ଟ୍ରକ୍ ସମେତ ୬ଟି ଗାଡ଼ି ପୋଡ଼ିଯାଇଛି । ଟ୍ରକ୍‌ରୁ ବାଣଗୁଡ଼ିକୁ କଢ଼ାଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା । ରାତି ସାଢ଼େ ୮ଟା ବେଳକୁ ନିଆଁକୁ ଆୟତ୍ତ କରାଯାଇଥିଲା ।

## ଆଫଗାନିସ୍ତାନ ଭୂକମ୍ପ

ଆଫଗାନିସ୍ତାନରେ ଅନୁଭୂତ ହୋଇଥିବା ଭୟଙ୍କର ଭୂମିକମ୍ପରେ ମୃତ୍ୟୁସଂଖ୍ୟା ୨ହଜାରକୁ ବୃଦ୍ଧି ପାଇଥିବା ତାଲିବାନ ମୁଖପାତ୍ର କହିଛନ୍ତି ।

୨୦ବର୍ଷ ଭିତରେ ସେ ଦେଶରେ ଏହା ସବୁଠାରୁ ଭୟଙ୍କର ଭୂମିକମ୍ପ ବୋଲି କୁହାଯାଉଛି । ଅନୁସନ୍ଧାନ ଓ ଉଦ୍ଧାରକାର୍ଯ୍ୟ ଚାଲିଥିବାରୁ ମୃତ ଲୋକଙ୍କ ସଂଖ୍ୟା ଆହୁରି ବୃଦ୍ଧିପାଇପାରେ ବୋଲି ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କ ତରଫରୁ ସୂଚନା ମିଳିଛି । ପୁଣି କେତେକ ଲୋକ ଭଙ୍ଗାରୁଜା ଘରର ଅଂଶ ତଳେ ଚାପି ହୋଇରହିଥିବାର ଆଶଙ୍କା କରାଯାଉଛି । ମାନବୀୟ ବ୍ୟାପାର, ସମନ୍ୱୟ ରକ୍ଷାକାରୀ ଜାତିସଂଘ କାର୍ଯ୍ୟାଳୟ କହିଛି ୪୬୫ଘର ନଷ୍ଟ ହୋଇଯାଇଛି ଏବଂ ୧୩୫ଟି ଘର ଅଧା ଭାଙ୍ଗି ଯାଇଛି । ହେରାତ୍ ନଗରୀରେ ଟେଲିଫୋନ୍ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି । ତେଣୁ ସେଠାରୁ ସବିଶେଷ ରିପୋର୍ଟ କିଛି ମିଳିପାରୁ ନାହିଁ । ଆହତମାନଙ୍କୁ ଡାକ୍ତରଖାନାକୁ ନେବାପାଇଁ ଯଥାସମ୍ଭବ ସାହାଯ୍ୟ କରିବା ସକାଶେ ଶୀଘ୍ର ଭୂମିକମ୍ପ ଅଞ୍ଚଳରେ ପହଞ୍ଚିବା ଲାଗି ସ୍ଥାନୀୟ ସଂଗଠନ ଗୁଡ଼ିକୁ ତାଲିବାନ ପକ୍ଷରୁ ନିବେଦନ କରାଯାଇଛି । ବାସହରା ଲୋକମାନଙ୍କୁ ଓ ବଞ୍ଚିଥିବା ଲୋକମାନଙ୍କୁ ଆଶ୍ରୟ ତଥା ଖାଦ୍ୟ ଯୋଗାଇବା ପାଇଁ ସହାୟତାର ହାତ ବଢ଼ାଇବାକୁ ତାଲିବାନ ନିବେଦନ କରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ ମହିଳା ଓ ଶିଶୁମାନଙ୍କୁ ଉଦ୍ଧାର କରାଯାଉଛି । ଗତକାଲି ହେରାତ୍‌ରୁ ୪୦ କିଲୋମିଟର ଦୂର ପଶ୍ଚିମାଞ୍ଚଳରେ ୬ ଦଶମିକ ୩ ତୀବ୍ରତା ଭୂମିକମ୍ପ ଅନୁଭୂତ ହୋଇଥିଲା । ଅନେକ ଘର ଭାଙ୍ଗି ଯାଇଥିବାରୁ

ବହୁସଂଖ୍ୟକ ଲୋକ ଭଙ୍ଗାରୁଜା ଅଂଶ ତଳେ  ଚାପିହୋଇ ରହିଥିବାର ଆଶଙ୍କା କରାଯାଉଛି । ଭୂମିକମ୍ପ ପରେ ପରବର୍ତ୍ତୀ ୩ଥର ଭୂମିକମ୍ପ ହୋଇଥିବାର ଖବର ମିଳିଛି । ଆଫଗାନିସ୍ତାନରେ ଇନ୍ଦୁପୁଷ ପର୍ବତ ଅଞ୍ଚଳରେ ବାରମ୍ବାର ଭୂମିକମ୍ପ ଅନୁଭୂତ ହୋଇଥାଏ । ଗତବର୍ଷ ଜୁନ୍ ମାସରେ ଟାଟ୍‌ଟିକା ଅଞ୍ଚଳରେ ୫ ଦଶମିକ ୯ ତୀବ୍ରତା ଭୂମିକମ୍ପ ଅନୁଷ୍ଠିତ ହୋଇଥିଲା । ହଜାରେ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲେ ମଧ୍ୟ ହଜାର ହଜାର ସଂଖ୍ୟକ ଲୋକ ବାସହରା ହୋଇଥିଲେ ।

# ସିବିଆଇ-ବେଙ୍ଗଲ ମିନିଷ୍ଟର

କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ସିବିଆଇ ପୌରନିଗମ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗର ମନ୍ତ୍ରୀ ଫିର୍‌ହାଜ୍ ହାକିମଙ୍କ ବାସଭବନ ଉପରେ ଚଢ଼ଉ କରିଛି । ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ପଶ୍ଚିମବଙ୍ଗର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରତିନ୍ ଘୋଷଙ୍କ ଘର ଉପରେ ଚଢ଼ଉ କରିଥିଲେ । ମନ୍ତ୍ରୀଙ୍କର ପ୍ୟାରୀମୋହନରାୟ ରୋଡ଼ସ୍ଥିତ ସ୍ଥେତଲା ଅଞ୍ଚଳକୁ ସିଆର୍‌ପିଏଫ୍ ଜବାନମାନେ ଘେରଉ କରିଛନ୍ତି । ସିବିଆଇର ଜଣେ ଅଧିକାରୀ କହିଛନ୍ତି ପୌର ନିଗମରେ ଗ୍ରୁପ୍-ସି ଓ ଗ୍ରୁପ୍-ଡି ପଦବୀ ପାଇଁ ଅବୈଧ ନିଯୁକ୍ତି ମାମଲାକୁ ନେଇ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି

ତଦନ୍ତ କରାଯାଉଛି । କୋଲକାତା ହାଇକୋର୍ଟ ଅଦାଲତ ଦ୍ୱାରା ତଦାରଖ ଅଧୀନରେ ତଦନ୍ତ କରିବା ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ ।

## ଏସୀଆନ୍ ଗେମ୍ସ

ଭାରତୀୟ ଖେଳାଳିମାନେ ଏସୀୟ କ୍ରୀଡ଼ାରେ ୧୦୦ରୁ ଊର୍ଦ୍ଧ୍ୱ ପଦକ ହାସଲ କରି ଅଲମ୍ପିକ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ସର୍ବାଧିକ ପଦକ ହାସଲ କରିଛନ୍ତି । ୨୦୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ପ୍ରତିଯୋଗୀମାନେ ୧୦୧ଟି ପଦକ ପାଇଥିଲେ । ଗତକାଲି ଗୋଟିଏ ଦିନରେ ଭାରତୀୟ ଖେଳାଳିମାନେ ୧୨ଟି ପଦକ ପାଇଛନ୍ତି । କବାଡ଼ି, ବ୍ୟାଡମିଣ୍ଟନ, ହକି ଓ ଧର୍ନୁଚାଳନାରେ ଗତକାଲି ୬ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଭାରତୀୟ କ୍ରୀଡ଼ାବିତ୍ ଓ ବନ୍ଧୁକଚାଳନା ପ୍ରତିଯୋଗୀମାନେ ୨୯ଟି ପଦକ ପାଇଛନ୍ତି । ଭାରତୀୟ ବନ୍ଧୁକଚାଳନା କାରୀମାନେ ୨୨ଟି ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି । ଆଜି ଅପରାହ୍ଣ ସାଢ଼େ ୫ଟାରେ ଉଦ୍‌ଯାପନୀ ଉତ୍ସବରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିବେ । ପି.ଆର୍.ଶ୍ରୀଜେଶ ଭାରତର ପତାକା ବହନ କରିବେ ।

## ପିଏମ୍-ଏସିଆନ୍ ଗେମ୍ସ

ଏସୀୟ କ୍ରୀଡାରେ ଭାରତୀୟ ଖେଳାଳୀଙ୍କ ଅଭୂତପୂର୍ବ ସଫଳତା ପାଇଁ ସମାଜର ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଏହି ସଫଳତା ପାଇଁ ଭାରତୀୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି ୧୦୭ଟି ପଦକ ଜିତି ଭାରତୀୟ ଖେଳାଳି ଦେଶକୁ ଗର୍ବିତ କରିଛନ୍ତି ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନ୍‌ର ହାଙ୍ଗ୍‌ଝୌଠାରେ ଚାଲିଥିବା ୨୦୨୨ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନଙ୍କ ଦ୍ୱାରା ରେକର୍ଡ ସଂଖ୍ୟକ ୧୦୭ଟି ପଦକ ବିଜୟକୁ ନେଇ ଆନନ୍ଦ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏସୀୟ କ୍ରୀଡ଼ାରେ ଭାରତର ଏହା ଐତିହାସିକ ସଫଳତା ବୋଲି ବର୍ଣ୍ଣନା କରିଛନ୍ତି । ସର୍ବାଧିକ ୧୦୭ଟି ପଦକ ଜିତି ଭାରତୀୟ କ୍ରୀଡ଼ାବିତ୍‌ମାନେ ଦେଶବାସୀଙ୍କ ମନରେ ହସ ଫୁଟାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗତ ୬୦ ବର୍ଷ ଭିତରେ ଭାରତର ଏହା ସର୍ବୋଚ୍ଚ ପ୍ରଦର୍ଶନ । ଦୃଢ଼ ମନୋବଳ, ଜିତିବା ପାଇଁ ନିଷ୍ଠା ଓ କଠିନ ପରିଶ୍ରମ ଦ୍ୱାରା ଆମ ଖେଳାଳିମାନେ ଦେଶ ପାଇଁ ଗର୍ବ ଅର୍ଜନ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।